## ସଂକ୍ଷେପରେ

# ବାବ୍ରୀ ଭଙ୍ଗା ହେବାର ୨୫ତମ ବର୍ଷପୂର୍ତ୍ତି

ନୂଆଦିଲ୍ଲୀ/ଅଯୋଧ୍ୟା, ୬।୧୨/ପିଟିଆଇ: ଅଯୋଧ୍ୟାରେ ବିବାଦୀୟ ବାବ୍ରୀ ମସ୍‌ଜିଦ୍ ଭଙ୍ଗର ଆଜି ୨୫ତମ ବର୍ଷ ପୂର୍ତ୍ତି ଅବସରରେ ସେଠାର ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। ଗତକାଲି ଠାରୁ କେନ୍ଦ୍ର ପକ୍ଷରୁ ଏଥିପାଇଁ ରାଜ୍ୟଗୁଡ଼ିକୁ ସତର୍କ ରହିବାକୁ କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ହାଇଦ୍ରାବାଦରେ ପୁଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଆସନ୍ତାକାଲି ପର୍ଯ୍ୟନ୍ତ କେତେକ ସ୍ପର୍ଶକାତର ସ୍ଥାନରେ ନିଷେଧାଦେଶ ଜାରି ହୋଇଛି। ରାଲି, ଧାରଣା ଓ ସଭାସମିତି କରିବା ପାଇଁ ପୁଲିସ କାହାରିକୁ ଅନୁମତି ଦେଇନାହିଁ।

ନିତିଦିନ NITIDIN Thu, Dec 7, 2017
http://odishanewsnitidin.com